# ଜାଗରରେ ଶୈବପୀଠ ଚଳଚଞ୍ଚଳ


ଢେଙ୍କିକୋଟ୍ ବାରହାଟିପୁର ନୀଳକଣ୍ଠେଶ୍ୱର ମନ୍ଦିରରେ ଭକ୍ତଙ୍କ ଲମ୍ବା ଧାଡ଼ି।


ପାଟଣା ବ୍ଲକ୍ ଅଧୀନ ଆନନ୍ଦେଶ୍ୱର ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଜାଗର ଜଳୁଛନ୍ତି।

**ଢେଙ୍କିକୋଟ,୨୬।୨(ନୀଳମଣି ମଣ୍ଡଳ)**
କେନ୍ଦୁଝର ଜିଲା ଢେଙ୍କିକୋଟ ଅଞ୍ଚଳରେ ଥିବା ଶୈବପୀଠଗୁଡ଼ିକରେ ମହାଶିବରାତ୍ରି ଧୂମଧାମରେ ପାଳିତ ହେଉଛି। ଢେଙ୍କିକୋଟ୍‌ସ୍ଥିତ ଶୈବ ପୀଠ ବାବା ବିଶ୍ୱନାଥଶର, ବାବା ବେଲେଶ୍ୱର, ବାବା ଟିକେଶ୍ୱର, କେତେଶ୍ୱର, ନୀଳକଣ୍ଠେଶ୍ୱର, ବାଣେଶ୍ୱର, କଟରେଶ୍ୱର, ଭୋଳେଶ୍ୱର ଏବଂ ମନହରେଶ୍ୱରଙ୍କ ମନ୍ଦିରରେ ପ୍ରାତଃ ୫ ଟାରୁ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ୍ ଲାଗିଥିଲା। ମନ୍ଦିରରେ ଭକ୍ତଙ୍କ ନିମନ୍ତେ ପଣା ଏବଂ ଅର୍ଣ୍ଣପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ରାତି ୧୦ଟାରେ ମହାଦ୍ୱୀପ ମନ୍ଦିର ଉପରକୁ ଉଠିଥିଲା।

### ବିଭିନ୍ନ ସ୍ଥାନରେ ମେଳା, ପ୍ରସାଦ ବଣ୍ଟନ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): ପବିତ୍ର ମହାଶିବରାତ୍ରୀ ଏବଂ ଜାଗର ଅବସରରେ କେନ୍ଦୁଝର ଜିଲାର ଗାଁରୁ ସହର ବିଭିନ୍ନ ଶିବ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଶିବରାତ୍ରିକୁ ନେଇ ବୁଧବାର ସକାଳୁ ବିଭିନ୍ନ ସ୍ଥାନରେ ଥିବା ମନ୍ଦିରରେ ମହାଦେବଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ପ୍ରସାଦସେବନ, ଶିବସ୍ତୋତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ, ଜଳାଭିଷେକ, ରୁଦ୍ରାଭିଷେକ ଓ ଦ୍ୱୀପ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ପ୍ରାଚୀନ ଶୈବପୀଠ ତଥା ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକାର ପ୍ରଭୁ ବ୍ରହ୍ମେଶ୍ୱର ମହେଶଙ୍କ ମନ୍ଦିରରେ ଭକ୍ତଙ୍କର ଗହଳି ପରିଲକ୍ଷିତ ହୋଇଥିଲା। ସେହିପରି ବୋଦାପଳସାର ଚନ୍ଦ୍ରଶେଖର ମହାଦେବ, ସିଦ୍ଧମଠ ଚଉବଚାଠାରେ ଥିବା ଶ୍ରୀ ଧବଳେଶ୍ୱର, ବଡ଼ଶାସନର ବାଲୁଙ୍କେଶ୍ୱର ମହାଦେବ, ସାମନ୍ତରାୟପୁର ଶାସନର ବାଣେଶ୍ୱର ମହାଦେବ, ନରସିଂହପୁରଶାସନର ଦୀନେଶ୍ୱର ମହାଦେବ, ନରଣପୁରଠାରେ ଥିବା ଘଡ଼ଘଡ଼ି ମନ୍ଦିର ମହାଦେବ, ଧୃପଦାର ଆଖଣ୍ଡଳମଣୀ ମହାଦେବ, ରାଇସୁଆଁର ବାବା ବାଞ୍ଛେଶ୍ୱର, ପଦ୍ମପୁର ଶିବ ମନ୍ଦିର, କେନ୍ଦୁଝରଗଡ଼ ରେଳ ଷ୍ଟେଶନସ୍ଥିତ ଶିବ ମନ୍ଦିର, ଶୁଆକାଟି ଶିବ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଏହାବ୍ୟତୀତ ଆନନ୍ଦପୁର ଅଞ୍ଚଳର ଦେଓଗାଁସ୍ଥିତ କୁଶଳେଶ୍ୱର, ପଙ୍କେଶ୍ୱର, ବିଲେଇପଦା ନିକଟସ୍ଥ ମୃଗାମହାଦେବ, ବାରାହାଟିପୁରା ପ୍ରଭୁ ନୀଳକଣ୍ଠେଶ୍ୱର, ଘଟଗାଁ ଶିବ ମନ୍ଦିର, ପାଟଣାର ପରମେଶ୍ୱର ମହାଦେବ, ଆନନ୍ଦେଶ୍ୱର ମହାଦେବଙ୍କ ସମେତ ମାଧପୁର ଶିବମନ୍ଦିର ଓ କେନ୍ଦୁଝର ସହର ଉପକଣ୍ଠସ୍ଥ ଘୁଟୁରୁର ମୁକ୍ତେଶ୍ୱର, ଚିଲିଦା ମହାଦେବ ମନ୍ଦିର, ଖିରେଇଟାଙ୍ଗିରୀସ୍ଥିତ ସର୍ବେଶ୍ୱର ମହାଦେବ, ଡୁରୁମୁଙ୍ଗା ଶିବମନ୍ଦିର, ଖୁଦପଶି ଶିବମନ୍ଦିର, ଉଖୁଣ୍ଡାସ୍ଥିତ ଶିବମନ୍ଦୀର ସମେତ ଜିଲାର ଶତାଧିକ ଶୈବପୀଠରେ ଜାଗର ପାଳିତ ହୋଇଛି।




### ଆନନ୍ଦେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ପାଟଣା(ବୀର କିଶୋର ଦାଶ): ମହାଶିବ ରାତ୍ରି ନିମନ୍ତେ ବୁଧବାର ସକାଳୁ କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ପୁରାତନ ଶୈବ ପୀଠ ଆନନ୍ଦେଶ୍ୱର ଶିବ ମନ୍ଦିର, ବୈତରଣୀ ତଟ ପରମେଶ୍ୱର ମହାଦେବ, ସ୍ୱାମ ଶାସନସ୍ଥିତ ସୋମେଶ୍ୱର ମହାଦେବମନ୍ଦିର, ସାହାରପଡ଼ା ମୁଖ୍ୟାଳୟସ୍ଥିତ ସର୍ବେଶ୍ୱର ଶିବ ମନ୍ଦିର, ଡୁରୁମୁଙ୍ଗାସ୍ଥିତ ଗିରିଜା ଶଙ୍କର, ସରାସ କୋଲାସ୍ଥିତ ସିଦ୍ଧେଶ୍ୱର ଓ ମଲ୍ଲୀପଶିସ୍ଥିତ ମଲ୍ଲିକେଶ୍ୱରଶିବ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଆନନ୍ଦେଶ୍ୱର ଶିବ ମନ୍ଦିରରେ ଦର୍ଶନ, ଦୀପ ଦାନ, ଭୋଗଲାଗିକୁ ନିୟନ୍ତ୍ରିତ ପାଇଁ ପୋଲିସ, ମନ୍ଦିର କମିଟି, ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ ଓ ଡ୍ରାଇଭର ମହା ସଂଘ ସହଯୋଗ କରିଥିଲା। ରାତି ୧୦ ଟା ୩୦ଟାରେ ମହାଦୀପ ଉଠିଥିଲା। ଗୁରୁବାର ସନ୍ଧ୍ୟାରୁ ଆନନ୍ଦେଶ୍ୱରଙ୍କ ପ୍ରସିଦ୍ଧ ଜାଗର ମୋହୋତ୍ସବ -୨୦୨୫ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବ ବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ଅଜୟ ଦାଶ କହିଛନ୍ତି। ୨୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ଖେଚୁଡ଼ି ପ୍ରସାଦ ବଣ୍ଟନ କରାଯାଇଥିଲା।

### ଶିବ ବିବାହ ଉତ୍ସବ ନିମନ୍ତେ ଶୋଭାଯାତ୍ରା

ବଡ଼ବିଲ, (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ତଥା ଆଖପାଖ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ବୁଧବାର ଦିନ ସକାଳେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସକାଳୁ ଭକ୍ତମାନେ ଶୁଦ୍ଧ ହୋଇ ବଡ଼ବିଲ ଉପକଣ୍ଠରେ ଥିବା ରାଇକାସ୍ଥିତ ଜଟେଶ୍ୱର, ବାଲାଗୋଡ଼ାସ୍ଥିତ ଧବଳେଶ୍ୱର, ସାନ୍ତବାହାଳସ୍ଥିତ ସନ୍ଥେଶ୍ୱର, ସହର ଭିତରେ ଥିବା ହରିହର ମନ୍ଦିର, କଲ୍ୟାଣେଶ୍ୱର, ବିଶ୍ୱନାଥ, ପୁଷ୍ପ ଦନ୍ତେଶ୍ୱର ଓ ଚମ୍ପକେଶ୍ୱର ମନ୍ଦିରରେ ଭଗବାନ ପୂଜାର୍ଚ୍ଚନା କରିଥିଲେ। ସେହିପରି ମହାଶିବରାତ୍ରି ପୂଜା କମିଟି ପକ୍ଷରୁ ବିକାଶ ମହଲ ପଡ଼ିଆରେ ଆୟୋଜିତ ଶିବ ବିବାହ ଉତ୍ସବ ନିମନ୍ତେ ଅପରାହ୍ନ ୪ଟାରେ ଗାଡ଼ା ହଟିଂ ଶିବମନ୍ଦିରରୁ ଶିବଙ୍କ ପ୍ରତିମା ଓ ଭକ୍ତଙ୍କର ଶୋଭାଯାତ୍ରା ନୃତ୍ୟ ସଙ୍ଗୀତ ସହିତ ସହର ପରିକ୍ରମା କରିଥିଲା।

## ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ଶିବ ଜୟନ୍ତୀ

**ଚମ୍ପୁଆ୨୬।୨(ମହେଶ୍ୱର ଦାସ)**
କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ମହା ଶିବରାତ୍ରୀ ତଥା ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଚମ୍ପୁଆ ଧାଳାଡ଼ିହିସ୍ଥିତ କାର୍ଯ୍ୟାଳୟରେ ନିଷ୍ଠା ଓ ଭକ୍ତିର ସହ ପାଳନ ହୋଇଥିବା ଜୟନ୍ତୀ ଅବସରରେ ଅତିଥି ଭାବରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ ନାଏକ, ଦେବାଶିଷ ସାହୁ, ଆଇନ୍‌ଜୀବୀ ରଞ୍ଜନ ମହାନ୍ତ ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ପ୍ରଜାପିତା ବ୍ରହ୍ମ କୁମାରୀଙ୍କ ଦ୍ୱାରା ତ୍ରୀମୂର୍ତ୍ତି ଶିବଙ୍କ ସୁସଜ୍ଜିତ ରଥ ପରିକ୍ରମା କରିଥିଲା। କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବ୍ରହ୍ମା କୁମାରୀ ସୌଦାମିନୀ ଭଉଣୀଙ୍କ ଦ୍ୱାରା ମହା ଶିବରାତ୍ରୀ ଓ ଶିବ ଜୟନ୍ତୀ ବିଷୟରେ ଆଲୋଚନା କରାଯାଇଥିଲା।

## ମହିଳାଙ୍କୁ ଝୋଟ ଉତ୍ପାଦ ତାଲିମ

**ଛେନାପଦି,୨୬।୨(ନିରାକାର ପରିଡା)**
କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ପଞ୍ଚାୟତ ମଧୁବନ ଗ୍ରାମରେ ଦକ୍ଷତା ବିକାଶ ଏବଂ ଦକ୍ଷତା ବିକାଶ ମୁଖ୍ୟଯୁକ୍ତ ଝୋଟ ଏବଂ ଝୋଟ ବିବିଧ ଉତ୍ପାଦ ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କୃଷି ଅଧିକାରୀ ଦେବୀ ପ୍ରସନ୍ନ ଖୁଣ୍ଟିଆଙ୍କ ସଂଯୋଜନାରେ ରୋସା ଏନ୍‌ଜିଓ କଟକର ବୈଷୟିକ୍ ସହାୟତାରେ କୃଷି ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସଂଯୋଜକ ରୋସା ସଭାପତି ସଞ୍ଜିତ ରାଉତରାୟଙ୍କ ଦ୍ୱାରା ମଧୁବନ ଗ୍ରାମରେ ୨୦ ଟି ଅନୁସୂଚିତ ଜନଜାତି ମହିଳା ଟ୍ରେନିଂ ପାଇଁ ୩୦ ଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କୃଷକଙ୍କୁ ସିଲେଇ ମେସିନ ଏବଂ ଆବ୍ୟଶକୀୟ ଉପକରଣ ଯୋଗାଇ ଦିଆଯାଇଥିଲା। ବୈଠକରେ ଘଷିପୁରା ସହକାରୀ କୃଷି ଅଧିକାରୀ ମାନସ ପ୍ରଧାନ, ହଦଗଡ଼ ସରପଞ୍ଚ ନିରୁପମା ନନ୍ଦୀ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାଇକ, ମାଷ୍ଟର ଟ୍ରେନ୍‌ର ଅନୁପମା ବେହେରା, କୃଷକସାଥୀ ଜୟଦେବ ନାୟକ୍ ପ୍ରମୁଖ ଯୋଗ ଦେଇଥିଲେ।

## ଅଦିନିଆ ବର୍ଷା ଉଜାଡ଼ି ଦେଲା ମୁଗ ଫସଲ

**ଆନନ୍ଦପୁର,୨୬।୨(ଉମେଶ ଚନ୍ଦ୍ର ପାଢ଼ୀ):** କେନ୍ଦୁଝର ଜିଲା ଆନନ୍ଦପୁର ଓ ଘସିପୁରା ବ୍ଲକ୍ ଅଦିନିଆ ଝଡ଼ ବର୍ଷାରେ ବ୍ୟାପକ ଚାଷ କ୍ଷତିଗ୍ରସ୍ତ ହୋଇଛି। ବ୍ୟାପକ ମୁଗ ଫସଲ ନଷ୍ଟ ହୋଇଥିବା ବେଳେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଘସିପୁରା ବ୍ଲକ୍ ଭଣ୍ଡାରିଡ଼ିହା ଗ୍ରାମରର ଚାଷୀ ବିପିନ ବିହାରୀ ରାଉତ, ଦୋଳ ଗୋବିନ୍ଦ ରାଉତ, ବଜାର ଚାହିଦାକୁ ଲକ୍ଷ ରଖି ଚଳିତ ବର୍ଷ ମୁଗ ଚାଷ କରିଥିଲେ। ଭଲ ଅମଳ ହେବା ନେଇ ଆଶା ବାନ୍ଧିଥିଲେ। ମୁଗର ବଜାର ଦର ଭଲ ଥିବାରୁ ୨ ପଇସା ଲାଭ କରିବା ନେଇ ଆଶା ବାନ୍ଧି ବସିଥିଲେ। ଅମଳ ପୂର୍ବରୁ ଝଡ଼ ବର୍ଷ ପ୍ରଭାବରେ ପ୍ରାୟ ୨ ଏକରରୁ ଊର୍ଦ୍ଧ୍ୱ ମୁଗ ଗଛ ଜମିରେ ଲୋଟି ପଡ଼ିଛି। ଧାର କରଜ କରି ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୃଷି ତଥା ରାଜସ୍ୱ ବିଭାଗ ପକ୍ଷରୁ ତୂରନ୍ତ ପ୍ରଭାବିତ ମୁଗ କ୍ଷେତ ଅନୁଧ୍ୟାନ କରାଯାଇ ସରକାରୀ ସ୍ତରରେ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।


କ୍ଷେତ ନିକଟରେ କ୍ଷତିଗ୍ରସ୍ତ ଚାଷୀ।

---

**ମୟୂରଭଞ୍ଜ**

## ୧ରେ ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା,୨୬।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)–ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ମୟୂରଭଞ୍ଜ ଜିଲା ଗସ୍ତରେ ଆସୁଥିବା ଜଣାପଡିଛି। ମାର୍ଚ୍ଚ ୧ ତାରିଖରେ ଜିଲାର ଉଦଳା ଓ ଖିଚିଂ ସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଦିନିକିଆ ଜିଲା ଗସ୍ତରେ ଆସି ପ୍ରଥମେ ଉଦଳାସ୍ଥିତ ପାଟପୁର ପଡ଼ିଆରେ ହେବାକୁ ଥିବା ବାଥୁଡ଼ି ସମାଜର ବାର୍ଷିକ ଉତ୍ସବରେ ଯୋଗଦେବେ। ସେଠାରୁ ବାହାରି ଶୁକ୍ରୁଳି ବ୍ଲକ ଖିଚିଂଠାରେ ଥିବା ମା' କୀଚକେଶ୍ୱରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ଖିଚିଂ ମହୋତ୍ସବରେ ଯୋଗଦେବେ। ତେବେ ଗସ୍ତ କାର୍ଯ୍ୟକ୍ରମର ବିବରଣୀ ସମ୍ପର୍କରେ ସରକାରୀଭାବେ କୌଣସି ସୂଚନା ହସ୍ତଗତ ହୋଇନାହିଁ ।

## ଦେଶୀ ମଦ ଜବତ, ୭ ଗିରଫ

ରାଇରଙ୍ଗପୁର,୨୬।୨(ମାନସ ମହାନ୍ତି): ରାଇରଙ୍ଗପୁର ଅବକାରୀ ବିଭାଗ ୬୮୫ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅବକାରୀ ଉପ-ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତୀର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପିଠାକୁଟୁଣୀ, ସୁନାପୋଷି ଓ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଦାଣ୍ଡବୋଷ, ଅସନବଣି ଓ ମହୁଲଡିହ ଏବଂ ବାଦାମପାହାଡ଼ ଥାନା ଅନ୍ତର୍ଗତ ସାତପଉଟିଆ ଗ୍ରାମ ଅଞ୍ଚଳରେ ଚଢ଼ାଉ କରିଥିଲା। ଏହି ସ୍ଥାନଗୁଡ଼ିକରୁ ମୋଟ ୬୮୫ ଲିଟର ଦେଶୀ ରନ୍ଧା ମଦ, ୨ଟି ବାଇକ୍ ଜବତ କରିଥିବା ସୂଚନା ମିଳିଛି। ପିଠାକୁଟୁଣି ଗ୍ରାମର ବାଇଧର ମାହାଲି, ମହୁଲଡିହ ଗ୍ରାମର ସାଉଁରି କିସ୍କୁ, ଦାଣ୍ଡବୋଷ ଗ୍ରାମର ସାରା ଟୁଡୁ, ଅସନବଣି ଗ୍ରାମର ଝାନା ମାର୍ଣ୍ଡି, ଚାନ୍ଦିଖମଣ ଗ୍ରାମର ରାମଦାସ ହାଁସଦା ଓ ତାମଲବନ୍ଧ ଗ୍ରାମର ରଘୁନାଥ ହେମ୍ବ୍ରମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଝିଙ୍କେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଉଦଳା,୨୬।୨(ସନ୍ତୋଷ କୁମାର ବାଞ୍ଛିନୀ)**
କପ୍ତିପଦା ବ୍ଲକ ଅଧୀନ ଝିଙ୍କପଦା ପଞ୍ଚାୟତର ସର୍ବପୁରାତନ ଶୈବପୀଠ ବାବା ଝିଙ୍କେଶ୍ୱର ମନ୍ଦିର ।ଏହି ମନ୍ଦିରରେ ପୂଜା ପାଉଥିବା ଝିଙ୍କେଶ୍ୱର ମହାଦେବଙ୍କ ଉପରେ ରହିଛି ଶ୍ରଦ୍ଧାଳୁଙ୍କ ଅଶିମ ଭକ୍ତି ଓ ବିଶ୍ୱାସ ।ଯାହାକି ମହାଶିବରାତ୍ରି ପାଳନ ସମୟରେ ପରିଲକ୍ଷିତ ହୋଇଥାଏ ଶ୍ରଦ୍ଧାଳୁ ମାନଙ୍କ ଶୈବପୀଠକୁ ଆଗମନ ନେଇ । କପ୍ତିପଦା ବ୍ଲକ ଅଧୀନ ଉଦଳା-କପ୍ତିପଦା ମୁଖ୍ୟ ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ବାବା ଝିଙ୍କେଶ୍ୱର ମହାଦେବଙ୍କ ପୀଠରେ ଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲ୍ଲକ୍ଷିତ ହୋଇଥିଲା। ଭୋର ସମୟରୁ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ରୀତିନୀତି ଅନୁଯାୟୀ ଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବା ମହିଳା, ପୁରୁଷ ଶ୍ରଦ୍ଧାଳୁ ଫୁଲ,ଫଳ ସହ ଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ଭକ୍ତଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।


ଧାଡ଼ିରେ ଛିଡ଼ା ହୋଇଥିବା ମହିଳାମାନେ।

କପ୍ତିପଦା ଥାନା ପୋଲିସ ସହ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ମାନେ ଉପସ୍ଥିତ ରହି ଭିଡ଼କୁ ନିୟନ୍ତ୍ରଣ କରିଥିଲେ ବୋଲି ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ନାୟକ ସୂଚନା ଦେଇଚନ୍ତି। କପ୍ତିପଦା ଉପଖଣ୍ଡ ସମେତ ବାଲେଶ୍ୱର ଏବଂ ଭଦ୍ରକ ଜିଲାର ବହୁ ସଂଖ୍ୟକ ମାନସିକଧାରୀ ପୀଠକୁ ଆସି ଦୀପ ଜାଳିଥିଲେ। ଏଥର ଜାଗରଯାତ୍ରାରେ ବିଭିନ୍ନ ପ୍ରକାରର ଘରକରଣା ସାମଗ୍ରୀ ଦୋକାନ ସହିତ ପୂଜା ଦୋକାନ, ଫଳ ଏବଂ ଖାଦ୍ୟ ଦୋକାନୀ ପସରା ମେଲାଇ ଥିବା ଦେଖିବାକୁ ମିଳିଛି। ସେହିପରି ଉଦଳା ଏବଂ କପ୍ତିପଦା ବ୍ଲକ ସହିତ ଉଦଳା ଏନ୍‌ଏସିରେ ଥିବା ସମସ୍ତ ଶୈବପୀଠଗୁଡ଼ିକରେ ଜାଗରଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

# ଜାଗର ଜାଳିଲେ ବ୍ରତଧାରିଣୀ

**ବାରିପଦା,୨୬।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**
ମୟୂରଭଞ୍ଜ ଜିଲାର ସମସ୍ତ ଶୈବପୀଠ ମହାଶିବରାତ୍ରୀରେ ଚଳଚଞ୍ଚଳ ହୋଇଉଠିଛି। ବ୍ରତଧାରିଣୀମାନେ ନିଷ୍ଠାର ସହ ଅହୋରାତ୍ର ଜାଗର ଜାଳିଥିବା ଦେଖିବାକୁ ମିଳିଥିଲା। ଅନୁକୂଳ ପାଗ ଯୋଗୁ ଜିଲାରେ ଥିବା ବିଭିନ୍ନ ଶୈବ ପୀଠଗୁଡିକରେ ଭକ୍ତଙ୍କ ସମାଗମ ଦେଖାଯାଇଥିଲା। ଜିଲାର ଖିଚିଂ, ମାଣତ୍ରୀର ବାବା କଖାରୁଆ ବୈଦ୍ୟନାଥ ପୀଠ, କପ୍ତିପଦା ଝିଙ୍କପଦାସ୍ଥିତ ବାବା ଝିଙ୍କେଶ୍ୱର, ବାଙ୍ଗରିପୋଷି ଶିମିଳାସ୍ଥିତ ବାବା ଶିମିଳେଶ୍ୱର, ଝାରପୋଖରିଆର ବାବା ଲୋକନାଥ ଶୈବପୀଠ, ଦେବଶୋଳସ୍ଥିତ ବାବା ବୁଦ୍ଧେଶ୍ୱର, ବାରିପଦା ବାରୁଣୀସ୍ଥିତ ବାବା ବାରୁଣେଶ୍ୱର, ବଦଳିଗାଁସ୍ଥିତ ବାବା ଭୂତେଶ୍ୱର ଓ ବୁଢାରାଉଳ ଆଦି ବିଭିନ୍ନ ଶୈବପୀଠରେ ଭକ୍ତମାନେ ପ୍ରଭୁଙ୍କ ପୂଜାପାଠ କରି ଆଶିଷ କୃପା ଲାଭ କରିଥିଲେ। ବାରିପଦା ସହରର ବାରୁଣୀଘାଟରେ ଥିବା ବାବା ବାରୁଣେଶ୍ୱର ଶୈବପୀଠରେ ସକାଳଠାରୁ ଦିନତମାମ ଭକ୍ତମାନଙ୍କ ଲମ୍ବା ଲାଇନ ଲାଗିଥିଲା। ପଡ଼ୋଶୀ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟର ଶ୍ରଦ୍ଧାଳୁମାନେ ଏହି ମନ୍ଦିରକୁ ଆସି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ସହର ଉପକଣ୍ଠ ବୁଢାବଳଙ୍ଗ, ଚିପଟ ଓ ଇଟଯୋଡି ନଦୀ ସଙ୍ଗମସ୍ଥଳୀରେ ଅବସ୍ଥିତ ଓ ଦକ୍ଷିଣାବର୍ତ୍ତ ତନ୍ତ୍ରପାଠ ଭାବରେ ପରିଚିତ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ବୁଢାରାଉଳ ମହାଦେବ ବା ଧ୍ୱନୀ ମଠରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା, ହୋମ ଓ ଯଜ୍ଞ କରାଯାଇଥିଲା। ସହରର ଟ୍ରାଫିକ ଛକ ନିକଟସ୍ଥ ତ୍ରିବିକ୍ରମେଶ୍ୱର ମନ୍ଦିର, ତକପୁରସ୍ଥିତ ପାତାଳେଶ୍ୱର ମନ୍ଦିର, ବାଘଡା ରୋଡ ଓ ଭଞ୍ଜପୁର ଭଞ୍ଜେଶ୍ୱର ମନ୍ଦିର, ବେଲଗଡିଆ ସ୍ଥିତ ପଞ୍ଚାନନ ମନ୍ଦିର, ଶ୍ରୀଅମ୍ବିକେଶ୍ୱର ମହାଦେବ, ଝିଞ୍ଜିରିବନ୍ଧରେ ଥିବା ଶ୍ରୀଲୋକେଶ୍ୱର ମନ୍ଦିର, ମୁର୍ଗାବାଡି ମହାଦେବ ମନ୍ଦିର, ଭୁଗୁଡାକଟାରେ ଥିବା ଆଖଣ୍ଡଳ ମନ୍ଦିର, କାଳିମନ୍ଦିର ସହିରେ ଥିବା ଶ୍ମଶାନେଶ୍ୱର ମନ୍ଦିର, ରଘୁନାଥପୁରସ୍ଥିତ ଶ୍ରୀ ହରିହର ମନ୍ଦିର, ଧବଳେଶ୍ୱର ମନ୍ଦିର ସମେତ ରାଜପ୍ରସାଦ ପରିସରରେ ଥିବା ସମସ୍ତ ଶୈବପୀଠଗୁଡ଼ିକରେ ଭକ୍ତଙ୍କ ଭିଡ଼ ଜମିଥିଲା। ପ୍ରତି ବର୍ଷ ମୟୂରଭଞ୍ଜ ଜିଲାର ମାଣତ୍ରୀ, ଦେବଶୋଳ, ଝିଙ୍କେଶ୍ୱର ଓ ଶିମିଳେଶ୍ୱର ଶୈବପୀଠରେ ୧୫ଦିନ ଧରି ଜାଗର ମେଳା ଚାଲି ଆସୁଥିବା ବେଳେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଯୋଗଦେଲେ ନୂଆ ଥାନାଧିକାରୀ

ବୈଶିଙ୍ଗା,୨୬।୨(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନାରେ ସୋମବାର ରାତି ୯ଟାରେ ବାଲେଶ୍ୱର ଜିଲାରୁ ବଦଳି ହୋଇ ଆସିଥିବା ଇନ୍ସପେକ୍ଟର ବାରିଣୀ ଦାସ କାର୍ଯ୍ୟରେ ଯୋଗଦେଇଛନ୍ତି। ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ଏଠାରେ ଥିବା ଇନ୍ସପେକ୍ଟର ତପନ କୁମାର ପ୍ରଧାନଙ୍କ ବଦଳି ହୋଇଯିବା ପରେ ଥାନାଧିକାରୀ ପଦବୀ ଖାଲି ପଡ଼ିଥିଲା। ତେବେ ଇନ୍ସପେକ୍ଟର ଦାସ ଯୋଗଦେବା ସହ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳଙ୍କୁ ସାକ୍ଷାତ କରି ବିଧିବଦ୍ଧ ଭାବେ କାର୍ଯ୍ୟାରମ୍ଭ କରିଛନ୍ତି।

## ମାଣତ୍ରୀ ଶୈବପୀଠରେ ଉତ୍ସବ ମୁଖର

**ବାରିପଦା,୨୬।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**
ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ତଥା ପୁରାତନ ଶୈବପୀଠ ମାଣତ୍ରୀର ଆରାଧ୍ୟ ଦେବତା ବାବା ଶ୍ରୀ ଶ୍ରୀ କଖାରୁଆ ବୈଦନାଥଙ୍କ ମନ୍ଦିରରେ ଜାଗର ଉତ୍ସବ ଅନୁଷ୍ଠିତ ହୋଇଛି। ବୁଧବାର ବଡ଼ିଭୋରରୁ ଭକ୍ତମାନେ ଦିଅଁ ଦର୍ଶନ, ପୂଜ ସହିତ ଉଜାଗର ରହି ଅଖଣ୍ଡ ଦୀପ ଜାଳିଥିଲେ। ଚଳିତ ଥର ଶୃଙ୍ଖଳିତ ଭାବରେ ଦିଅଁ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଲକ୍ଷାଧିକ ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରି ମେଳା ବୁଲୁଥିବା ଦେଖାଯାଇଛି । ମନ୍ଦିରର ନୀତିନିର୍ଘଣ୍ଟ ସମ୍ପର୍କରେ ପରିଚ୍ଛା ପ୍ରଦୀପ ପଣ୍ଡାଙ୍କ ସୂଚନା ଅନୁଯାୟୀ, ବୁଧବାର ଭୋର ୪ଟାରେ ଦିଅଁଙ୍କ ପହଡ଼ ଭଙ୍ଗା ହୋଇ ଥିବା ବେଳେ ୪ଟା ୩୦ମିନିଟରେ ପାଲିଙ୍କି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶ୍ରଦ୍ଧାଳମାନେ ନିଜନିଜ ଘର ସମ୍ମୁଖରେ ଧୂପ, ଦୀପ, ଶଙ୍ଖ ହୁଳହୁଳି ସହିତ ସ୍ୱାଗତ ଜଣାଇଥିଲେ। ଏହାପରେ ବାଲ୍ୟ ଭୋଗଲାଗି ଓ ସାଧାରଣ ଦର୍ଶନ, ସାଧାରଣ ପୂଜାଲାଗି ୫ଟାରୁ ଆରମ୍ଭ ହୋଇଥିଲା। ଅପରାହ୍ଣ ୩ଟାରେ ପର୍ବାଣୀର ବିଶେଷ ଭୋଗଲାଗି ସାଙ୍ଗକୁ ସନ୍ଧ୍ୟାରେ ଆଳତୀ, ରାତି ୧୧ଟାରେ ସାଧାରଣ ଦର୍ଶନ ବନ୍ଦ ହୋଇଛି। ଗୁରୁବାର ଭୋର ୫ଟାରୁ ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଚାଲୁ ରହିବ। ବ୍ରତୀ ମାନେ ନିଶୁଳ୍କ ଦୀପ ଜାଳିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧର୍ମଜାଗରଣ ସମିତି ପକ୍ଷରୁ ୨୪ଘଣ୍ଟା ନିରବଚ୍ଛିନ୍ନ 'ଓଁ ନମଃ ଶିବାୟ' ଜପ ୨୬ବର୍ଷ ଧରି ଆୟୋଜିତ ହୋଇଛି। ମନ୍ଦିର ପ୍ରାଙ୍ଗଣରେ ଜାଗର ମେଳା ବୁଧବାରଠାରୁ ଆରମ୍ଭ ହୋଇଛି। ମେଳାରେ ଜୁଆ, ମଦକାରବାର ଓ ଅସାମାଜିକ କାର୍ଯ୍ୟାକଳାପ ରୋକାଯିବା ପାଇଁ ଜଣେ ମାଜିଷ୍ଟ୍ରେଟ ଓ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଆଇଆଇସି ବାରୁଣି ଦାସ ଓ ଇନ୍ସପେକ୍ଟର ପଞ୍ଚାନନ ମହାନ୍ତିଙ୍କ ସହିତ ୩ପ୍ଲାଟୁନ ପୋଲିସ ଫୋର୍ସ ଓ ଅଫିସର ମୁତୟନ ହୋଇଛନ୍ତି। ମେଳା ପାଇଁ ଏକ ଅସ୍ଥାୟୀ ଫାଣ୍ଡି ସ୍ଥାପନ କରାଯାଇଛି।

# ଚଳଚଞ୍ଚଳ ମୋରଡ଼ା


ଶ୍ରଦ୍ଧାଳୁଙ୍କୁ ଦହି ସରବତ ଦିଆଯାଉଛି।

ମୋରଡ଼ା,୨୬।୨(ସ୍ମାରକ ମାଜୀ)– ଶିବରାତ୍ରୀ ଉପଲକ୍ଷେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡିଛି। ବିଭିନ୍ନ ଶୈବପୀଠରେ ବୁଧବାର ପ୍ରତ୍ୟୁଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ବେଶ ଭିଡ଼ ପରିଲ୍ଲକ୍ଷିତ ହୋଇଛି। ଚିତ୍ରଡ଼ା ମହାଦେବ ମନ୍ଦିରରେ ପୂର୍ବାହ୍ନରୁ ଯଜ୍ଞ ନାମ ସଂକୀର୍ତ୍ତନ ପରିବେଷଣ ହେଉଛି। ସ୍ଥାନୀୟ ତଥା ବାହାର ଅଞ୍ଚଳର ମାନସିକଧାରୀ ଆସି ନିଜର ମାନସିକ ରଖିଛନ୍ତି । ବ୍ଲକର ଚିତ୍ରଡା ଜଗନ୍ନାଥ ମନ୍ଦିର, ଛୋଟରାୟପୁର ଶିବ ମନ୍ଦିର, ମୋରଡା ଗ୍ରାମରେ ଅବସ୍ଥିତ ଶିବ ମନ୍ଦିର, ପାରିଆକୁଲିର ବାବା ପରେଶର ଶୈବ ପୀଠ, ଝିଙ୍କିରିଆ, ବାରମାଇଲ, ମସର୍ଦା ଶୈବପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼ ପରିଲ୍ଲକ୍ଷିତ ହୋଇଥିଲା। ଚିତ୍ରଡା ମାର୍କେଟସାହି ମା' ତାରିଣୀ ଯୁବକ ସଂଘ ତରଫରୁ ଭକ୍ତମାନଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ସଙ୍ଘର ସଦସ୍ୟ ସଂକେତ ମାଜୀଙ୍କ ନେତୃତ୍ୱରେ ସିପୁନ ରଣା, ବିଶାଳ ବେହେରା, ପୁପୁନ ରଣା, ଟୁନା ମହାନ୍ତ, କାହ୍ନା ମହାନ୍ତ ପ୍ରମୁଖ ଶ୍ରଦ୍ଧାଳୁମାନଙ୍କୁ ଦହି ସରବତ ବଣ୍ଟନ କରିଥିଲେ। ସେହିପରି ରାସଗୋବିନ୍ଦପୁର ବ୍ଲକର ଦେବଶୋଳସ୍ଥିତ ବାବା ବୁଦ୍ଧେଶ୍ୱର ଶୈବପୀଠରେ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗିରହିଥିବା ବେଳେ ଦେବଶୋଳ ମେଳା ମଧ୍ୟ ଆରମ୍ଭ ହୋଇଛି।

